# All Odisha Union Bank Employees Association

( *Affiliated to* :- A.I.U.B.E.F. & B.E.F.I. through A.O.B.E.F. ), (*Date of Formation* :- 07.08.1977)
*Regd. No.* :- 1342/23.02.1981 of Indian Trade Union Act, 1926
*Regd. Office* :- C/o Union Bank of India, 38, Ashok Nagar, Near Raj Mahal Square, Bhubaneswar-751009
*Head Qrs* :- C/o Union Bank of India, Nayapalli Branch, Near Hotel Crown, Nayapalli, Bhubaneswar-751015
*e-mail* :- aoubea@gmail.com *MOBILE* :- President- 94372 72600, General Secretary- 94396 17325
Website : www.aoubea.org

==========================================================================

ପରିପତ୍ର ସଂଖ୍ୟା – ୧୬ ଭୁବନେଶ୍ୱର

ତାରିଖ ୦୧-୧୦-୨୦୧୯

ପ୍ରିୟସାଥିଗଣ,

ଆମ ରିଜିଓନାଲ ଅଫିସ ଭୁବନେଶ୍ୱର ଦ୍ୱାରା ଜାରି କରାଯାଇଥିବା ସାର୍କୁଲାର ସଂଖ୍ୟା-୫୯୭ ଅନୁଯାଇ ଭୁବନେଶ୍ୱର ରିଜିଓନ ରେ ଥିବା ସମସ୍ତ ଶାଖାର ବ୍ୟବସାୟିକ ସମୟ ଦିନ ୧୦ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ ବୋଲି ଜଣାଯାଇଛି । ଏହା ଆଜିଠାରୁ ଲାଗୁହେବ ବୋଲି ସେଥିରେ ଉଲ୍ଲେଖ ଅଛି। ଏହା ପୂର୍ବରୁ ଆଉ ଦୁଇଟି ରିଜିଓନ ର ଚିଠି ଆମର ହସ୍ତଗତ ହୋଇଛି ତାହା ରାଞ୍ଚି ଓ ହାଇଦ୍ରାବାଦ ର ଅଟେ।

ସେଥିରେ ସେମାନେ ଅତି ପରିଷ୍କାର ଭାବରେ ସମସ୍ତ କଥା ଲେଖିଛନ୍ତି ଯେ ଶାଖାର କେତେ ସମୟ ଗ୍ରାହକ ମାନଙ୍କ ର ନଗଦ ରହିତ (ନନ୍ କ୍ୟାସ୍) କାରବାର ପାଇଁ , କେତେ ସମୟ ପର୍ଯ୍ୟନ୍ତ କ୍ୟାସ୍ କାଉଣ୍ଟର ଗ୍ରାହକ ମାନଙ୍କ ପାଇଁ ଖୋଲା ରହିବ ଇତ୍ୟାଦି। କିନ୍ତୁ ଆମ ଲୋକାଲ ମ୍ୟାନେଜମେଣ୍ଟ ଦେଇଥିବା ଚିଠି କୁ ନେଇ ଆମ ମାନଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଚି। କମ୍ରେଡ୍ ବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାଁହି। ଯେହେତୁ ସେମାନେ ଦେଇଥିବା ଚିଠିରେ ପବ୍ଲିକ୍ ପାଇଁ ବ୍ୟାବସାୟିକ ସମୟ ଓ କ୍ୟାସ କାଉଣ୍ଟର କେତେ ସମୟ ପର୍ଯ୍ୟନ୍ତ ଖୋଲା ରହିବ ସେ ବାବଦରେ ନିର୍ଦ୍ଦିଷ୍ଟ କିଛି ଉଲ୍ଲେଖ ନାହିଁ ତେଣୁ ଆମ ବ୍ୟାଙ୍କ ର ସେଣ୍ଟ୍ରାଲ ଅଫିସ ସାର୍କୁଲାର ସଂଖ୍ୟା-୧୨୯୧ ତାରିଖ ୨୭-୦୮-୨୦୧୮ ଅନୁଯାୟୀ ନିମ୍ନ ପ୍ରକାରେ ଶାଖା ମାନଙ୍କର କାର୍ଯ୍ୟ କରାଯିବ।

- ପ୍ରତ୍ୟକ ଶାଖାରେ ପ୍ରତିଦିନ ୫ ଘଣ୍ଟା ନଗଦ (କ୍ୟାସ୍ ) କାରବାର ହେବ।
- ଶାଖାର ବ୍ୟବସାୟିକ ସମୟ ଆରମ୍ଭରୁ ୪ ଘଣ୍ଟା ଅର୍ଥାତ ୧୦ଟା ରୁ ୨ଟା ମଧ୍ୟାନ ଭୋଜନ (ଲଞ୍ଚ) ପର୍ଯ୍ୟନ୍ତ ନଗଦ (କ୍ୟାସ୍ ) କାରବାର ହେବ।
- ଦିନ ୨ ଟା ରୁ ୨:୩୦ ମିନଟ୍ ପର୍ଯ୍ୟନ୍ତ ମଧ୍ୟାନ ଭୋଜନ (ଲଞ୍ଚ) ବିରତି ଅଟେ।
- ମଧ୍ୟାନ ଭୋଜନ (ଲଞ୍ଚ) ବିରତି ପରେ ୧ ଘଣ୍ଟା ଅର୍ଥାତ ୨:୩୦ ମିନଟ୍ ରୁ ୩ : ୩୦ ମିନିଟ ପର୍ଯ୍ୟନ୍ତ ନଗଦ (କ୍ୟାସ୍ ) କାରବାର ହେବ।

ରିଜିଓନାଲ ଅଫିସ ଚିଠି ଅନୁସାରେ ସାଧାରଣ ଗ୍ରାହକ ମାନଙ୍କର ନଗଦ ରହିତ (ନନ୍ କ୍ୟାସ୍ ) କାରବାର ହେବାପାଇଁ ସମସ୍ତ ଶାଖା ସକାଳ ୧୦ ଟା ରୁ ଖୋଲା ହେବ ଅପରାହ୍ନ ୪ଟା ପର୍ଯ୍ୟନ୍ତ । ଏହା ବାଦ ଯଦି କୌଣସି ଶାଖାରେ ନଗଦ (କ୍ୟାସ୍ ) କାରବାର ର ସମୟ କୁ ନେଇ ସମସ୍ୟା ଉପୁଜେ ତାହେଲେ ସାଥୀମାନେ ହେଡକ୍ୱାର୍ଟର ସହିତ ଯୋଗା ଯୋଗ କରି ସଠିକ ଭାବେ ବୁଝି ପାରିବେ ।

## ୨୨ ଅକ୍ଟୋବର ଧର୍ମଘଟ କୁ ସଫଳ କର ।

**BEFI** ଜିନ୍ଦାବାଦ୍

AOBEF ଜିନ୍ଦାବାଦ୍

AOUBEA- ଜିନ୍ଦାବାଦ୍

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ